# ତହସିଲଦାରଙ୍କ କାର୍ଯ୍ୟାଳୟ, ନୟାଗଡ, ଜିଲ୍ଲା- ନୟାଗଡ

ବିଜ୍ଞାପନ ପତ୍ର ସଂଖ୍ୟା ୩୪୯୮ / ସଇରାତ ତା. ୧୩.୦୮.୨୦୨୦

## ଲଘୁଖଣିଜ ଉତ୍ସ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

### ଜଉମୁଦ ଟେଣ୍ଡର ଆହ୍ୱାନ

**[ଓଡିଶା ଲଘୁଖଣିଜ ଦ୍ରବ୍ୟରିହାତି ଆଇନ-୨୦୧୬ ଓ ଓଡିଶା ଲଘୁଖଣିଜ ଦ୍ରବ୍ୟରିହାତି (ସଂଶୋଧନ) ଆଇନ୍-୨୦୧୭ ଅନୁଯାୟୀ ]**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ନୟାଗଡ ତହସିଲ, ଜିଲ୍ଲା ନୟାଗଡ ଅନ୍ତର୍ଗତ ସାରଣୀ -୧ ବର୍ଣ୍ଣତ ଲଘୁଖଣିଜ ଉତ୍ସ ଗୁଡିକ ଅନୂନ୍ୟ ୫(ପାଞ୍ଚ ବର୍ଷିଆ) ଲିଜ୍ ନିମନ୍ତେ (୨୦୨୦-୨୧ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ) ତହସିଲଦାର ନୟାଗଡଙ୍କ ଦ୍ୱାରା ବନ୍ଦୋବସ୍ତ କରିବା ନିମନ୍ତେ ଜଉମୁଦ ଟେଣ୍ଡର ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଇଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ/ସଂସ୍ଥା ଓଡିଶା ଖଣିଜ ଦ୍ରବ୍ୟ ରିହାତି ନିୟମ ୨୦୧୬ (OMMC Rule - 2016) ମୁତାବକ M-Form ପୂରଣ କରି ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତର ତିନି ସେଟ୍ ଜଉମୁଦ ଲଫାଫରେ ଆସନ୍ତା ତା. ୦୧।୦୯।୨୦୨୦ ଦିନ ପୂର୍ବାହ୍ନ ୧୨.୦୦ ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାର ନୟାଗଡଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବା ହେବେ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏ ସମସ୍ତ ଦରଖାସ୍ତ ଗୁଡିକ ସେହିଦିନ ଅପରାହ୍ନ ତିନି ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାଫା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ଜଉମୁଦ ଲଫାପା ଦାଖଲ ଦେଲାବେଳେ ନିର୍ଦ୍ଦିଷ୍ଟ ଲଫାପାର ଉପରଭାଗରେ " ସଇରାତ ଉତ୍ସର ନାମ ଲେଖିବାକୁ ପଡିବ"। ଦରଖାସ୍ତକାରୀ ଅଲଗା ସଇରାତ ଉତ୍ସପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଜଉମୁଦ ଲଫାପାରେ ଦାଖଲ ଦେବେ । ଯଦି ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସପାଇଁ ଦରଖାସ୍ତ ଗ୍ରହଣ କରାଯାଇନଥାଏ ତାହେଲେ ତାହା ପୂନର୍ବାର ଲିଜ ନିମନ୍ତେ ଜଉମୁଦ ଟେଣ୍ଡର ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯିବ । ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ପାରନ୍ତି ।

## ଦରଖାସ୍ତ ସହ ନିମ୍ନ ବର୍ଣ୍ଣିତ କାଗଜାତ/ଦଲିଲ୍ ଦେବା ବିଧେୟ

1. ଦରଖାସ୍ତ ଫିଜ୍ ସକାଶେ ଟ୍ରେଜେରି ଚାଲାଣ ଜରିଆରେ ଟ.୧୦୦୦/- (ଏକ ହଜାର) ଟଙ୍କା ପଇଠ କରି ଚାଲାଣ କପିସଲଗ୍ନ କରିବେ (Head of Account-0853-Non-Ferrous Mining and Metallurgic Industries-102-Mineral concession Fees, Rents and Royalties), ଏହି ଦରଖାସ୍ତ ଫିଜ୍ ଫେରସ୍ତ କରାଯିବ ନାହିଁ ।

2. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା "ଉତ୍ସର ନାମ, ଖାତା ନଂ, ପ୍ଲଟ ନଂ, ରକବା ଏବଂ କିସମ" ର ସଠିକ ତଥ୍ୟ ଲେଖିବା ବିଧେୟ ଓ ନକ୍ସା ସଲଗ୍ନ କରିବା ଆବଶ୍ୟକ ଅଟେ ।

3. ଆବେଦନକାରୀ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲିଟିର ଶତକଡ଼ା ପାଞ୍ଚଭାଗ (EMD) ମୂଲ୍ୟର ବ୍ୟାଙ୍କ ଡ୍ରାଫ୍ଟ ଯାହାକି ତହସିଲଦାର ନୟାଗଡ (payable at SBI, Main branch, Nayagarh) ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଲଗ୍ନ କରିବେ । ଯଦି ସଫଳ ନିଲାମ ଡକାଳୀ ହିସାବରେ ଲିଜ୍ ପ୍ରସ୍ତାବ ଅଗ୍ରାହ୍ୟ କରନ୍ତି ତେବେ ଉକ୍ତ ଅର୍ଜିତ ରାଶି ଫେରସ୍ତ ନହୋଇ ବ୍ୟାଜ୍ୟାପ୍ତି କରଣକରି ୨ୟ ସ୍ଥାନରେ ଥିବା ବ୍ୟକ୍ତିଙ୍କୁ ଲିଜ୍ ପ୍ରକ୍ରୀୟା ପାଇଁ ଆମନ୍ତ୍ରଣ କରାଯିବ ଏବଂ ଅସଫଳ ନିଲାମ ଡକାଳୀଙ୍କ ଅର୍ଜିତ ରାଶି ଫେରସ୍ତ କରାଯିବ ।

4. ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ ଓଡିଶା ସରକାରଙ୍କର କୌଣସି ମାଇନିଙ୍ଗ୍ ଦେୟ ବକେୟା ନଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବା ଆବଶ୍ୟକ।

5. Rule 27 (iv) of OMMC Rules, 2016 ମୁତବକ ଦରଖାସ୍ତକାରୀ ଧାର୍ଯ୍ୟମୂଲ୍ୟ ତଦୁର୍ଦ୍ଧ୍ୟ ମୂଲ୍ୟର ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee ) ଯାହାର ଅବଧି ପରବର୍ତ୍ତୀ ଅଠର ମାସ ହେବା ଆବଶ୍ୟକ ଓ ଅନ୍ୟାନ୍ୟ ସ୍ଥାବର ଅସ୍ଥାବର ସମ୍ପତ୍ତିର ବିବରଣୀ (ରାଜସ୍ୱ ବିଭାଗ ଦ୍ୱାରା ପ୍ରାପ୍ତ ହୋଇଥିବା) ସଲଗ୍ନ କରିବା ଆବଶ୍ୟକ ।

6. ଫର୍ମ M ରେ ଥିବା କ୍ରମିକ ନଂ 5 ରେ rate of royality (per cubic metre) ପରିବର୍ତ୍ତେ Rate of Additional charge (per cubic metre) ଦର୍ଶାଇବେ ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ଅକ୍ଷରରେ ଦର୍ଶାଇବେ ।

7. ବିଗତ ଦୁଇବର୍ଷର ଆୟକର ରିଟର୍ଣ୍ଣ କିମ୍ବା ଜି.ଏସ.ଟି. କ୍ଲିଅରାନ୍ସ ସାର୍ଟିଫିକେଟର ନକଲ ଦାଖଲ କରିବେ ।

ଏତଦ୍ ବ୍ୟତିତ ଦରଖାସ୍ତକାରୀମାନେ ନିମ୍ନୋକ୍ତ ସର୍ତାବଳୀ ସମ୍ବନ୍ଧରେ ଧ୍ୟାନ ରଖି ଉପରୋକ୍ତ କାଗଜାତ ଗୁଡିକ ଦାଖଲ ନକଲେ ତାଙ୍କର ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

8. କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି ।

9. ସମସ୍ତ ଦରଖାସ୍ତକାରୀ OMMC Rules 2016 and OMMC Rules (Ammendment 2017 & 2018) ର ସମସ୍ତ ସର୍ତ୍ତାବଳୀ କୁ ପାଳନ କରିବା ବିଧେୟ ।

**ସର୍ତ୍ତାବଳୀ** (ଏତଦ୍ ବ୍ୟତିତ ଦରଖାସ୍ତକାରୀମାନେ ନିମ୍ନୋକ୍ତ ସର୍ତ୍ତ ଗୁଡିକ ସମ୍ବନ୍ଧରେ ଧାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଉ ଅଛି )

1. ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ରିହାତି ଆଇନ-2016 (OMMC Rules -2016) ର ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ଆଇନ-2017 (OMMC Rules -2017) ର ପରିସର ଭୂକ୍ତ ରହିବେ ।

2. ଦରଖାସ୍ତ କରିବା ପୂର୍ବରୁ ଲଘୁଖଣିଜ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

3. ଚଳିତ ବର୍ଷରେ ପଥର ଉତ୍ସ ପାଇଁ ପଥରର ପ୍ରତି ଘନମିଟର ପିଛା ରୟାଲିଟି ବାବଦକୁ ଟ.୧୩୦ଙ୍କା ଏବଂ ବାଲି ଉତ୍ସ ପାଇଁ ବାଲିର ରୟାଲିଟି ପ୍ରତି ଘନମିଟର ପିଛା ରୟାଲିଟି ବାବଦକୁ ଟ୩୫.୦୦ଙ୍କା ଧାର୍ଯ୍ୟ ଅଛି । ଏହା ଅପରିବର୍ତ୍ତି । ମାତ୍ର ଯୋଗ୍ୟ ଦରଖାସ୍ତକାରୀଙ୍କୁ ସାରଣୀ ଏକ ର ସ୍ତମ୍ଭ ୧୦ ରେ ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ ଅତିରିକ୍ତ ଦେୟର ମୂଲ୍ୟ ବା ତଦୁର୍ଦ୍ଧ quote କରିବାକୁ ପଡିବ । କୌଣସି ପରିସ୍ଥିତିରେ ଅତିରିକ୍ତ ଦେୟର ନିର୍ଦ୍ଧାରିତ ମୂଲ୍ୟରୁ କମ ଦରରେ ଲିଜ୍ ଅନୁମୋଦନ କରାଯିବ ନାହିଁ । ଯଦି ଏକାଧିକ ଦରଖାସ୍ତକାରୀ ସର୍ବୋଚ୍ଚ ସମପରିମାଣର ଅତିରିକ୍ତ ଦେୟ ଦାଖଲ ଦେଇଥାନ୍ତି ତାହେଲେ ଏହା ଲଟେରି ମାଧମରେ ଚୟନ କରାଯିବ । ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସାତ ଦିନ ମଧରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବେ ।

4. ଟେଣ୍ଡର ପାଇଁ ବିଜ୍ଞାପନ, ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀର ସମସ୍ତ ଖର୍ଚ୍ଚ ସଫଳ ନିଲାମଧାରୀମାନେ ବହନ କରିବେ ।

5. ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ପଥର ଖାଦାନ ପାଇଁ ଘନମିଟର ପିଛା ନିର୍ଦ୍ଧାରିତ ରୟାଲିଟି ସହ ଅତିରିକ୍ତ ଦେୟ (additional charge), ଡେଡ୍ ରେଣ୍ଟ (Deed rent) (ହେକ୍ଟର ଅନୁଯାୟୀ ଧାର୍ଯ୍ୟ) ଭୂମିପୃଷ୍ଠ ଖଜଣା (surface rent)(ହେକ୍ଟର ଅନୁଯାୟୀଧାର୍ଯ୍ୟ), ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଦେୟ @ 10% (ଅତିରିକ୍ତ ଦେୟର), ପରିବେଶ ଉନ୍ନୟନ ପାଣ୍ଠି 5%(ରୟାଲିଟି ଓ ଅତିରିକ୍ତ ଦେୟ ର), ଆୟକର @ 2% (ରୟାଲିଟି ଓ ଅତିରିକ୍ତ ଦେୟର) ପ୍ରତ୍ୟେକ ଆର୍ଥିକ ବର୍ଷ ଉତ୍ସ ପରିଚାଳନା ପୂର୍ବରୁ ଏକକାଳୀନ ପୈଠ କରିବାକୁ ହେବ ।

6. ଦରଖାସ୍ତରେ କେବଳ ଲଘୁ ଖଣିଜ ଦ୍ରବ୍ୟର ଘନମିଟର ପିଛା ଅତିରିକ୍ତ ଦେୟ (Additional charge) ସ୍ପଷ୍ଟ ଭାବ ରେ ଉଲ୍ଲେଖ ଥିବା ଆବଶ୍ୟକ ।

7. ସଫଳ ଆଦେଶିକ ସମୟସୀମା ମଧରେ ଅନୁମୋଦିତ ମାଇନିଙ୍ଗପ୍ଲାନ ଓ ପରିବେଶ ବିକାଶ ଦାଖଲ ପରେ ଲିଜ ପଞ୍ଜିକରଣ କରାଯିବ ଏବଂ ଲିଜ ଏଗ୍ରିମେଣ୍ଟ ଆସିବା ସହ ରୟାଲିଟି କିମ୍ବା ଡେଡ୍ ରେଣ୍ଟ (Dead Rent) ଯେଉଁଟା ଅଧିକ, ଭୂମିପୃଷ୍ଠ ଖଜଣା ( surface rent) ଅତିରିକ୍ତ ଦେୟ ( Addl. charge) ଜିଲ୍ଲା ଲଘୁ ଖଣିଜ ପାଣ୍ଠି ପରିବେଶ ପରିଚାଳନା ପାଣ୍ଠି (EMD) ସହିତ ଆୟକର (Income Tax) ପଇଠ କରିବାକୁ ପଡିବ ।

8. ଯଦି ଲିଜଧାରୀଙ୍କର ରୟାଲିଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହେଲେ ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତା ପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ୍ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପୈଠ କରି ପରିଚାଳନା କରିପାରିବେ ।

9. ହିସାବ ଅନୁଯାୟୀ ରୟାଲିଟି ଏବଂ ଅତିରିକ୍ତ ଦେୟର 5% Odisha Environmental management Fund Trust, Bhubaneswar ବାବଦକୁ ଡ୍ରାପ୍ଟ ଆକାରରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଦାଖଲ କରିବେ ।

10. ଆବେଦନକାରୀ ନୋଟିଫିକେସନ୍ ନଂ S.O. 190 (E) Dt. 20.01.2016 Govt. of India, Ministry Environment Forest climate change ନିୟମାବଳୀ ଅନୁଯାୟୀ ଲିଜଧାରୀ ପରିବେଶ ସମ୍ବନ୍ଧୀୟ ଅନୁମତି ପାଇଁ ରୟାଲିଟି ମୂଲ୍ୟର ଶତକଡା 10 % District Mineral Foundation (DMF) ରେ ପଇଠ କରିବେ ।

11. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖବାଗରେ ଏକ Display Board (ଡିସପ୍ଲେ ବୋର୍ଡ ତିଆରି ସେଥିରେ ସୈରାତ ଉତ୍ସର ନାମ ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ଏ ସବୁର କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

12. ବାର୍ଷିକ ମୋଟ ଦେୟର 2% ଲିଜଧାରୀ ଆୟକର ଆକାରରେ ଟଙ୍କା ଜମା କରିବେ ।

13. ଲିଜ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

14. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେନାହିଁ ।

15. ଚଳିତବର୍ଷର ଲଘୁ ଖଣିଜ ପଦାର୍ଥ ପାଇଁ Royality, Surface rent and Dead rent ନିମ୍ନମତେ ଧାର୍ଯ୍ୟ ହୋଇଅଛି ଏବଂ ଯୋଗ୍ୟ ନିଲାମଧରୀଙ୍କୁ ପ୍ରତ୍ୟେକ ବର୍ଷର Minimum guaranteed quantity ଉପରେ ଆବଶ୍ୟକୀୟ ସରକାରୀ ଦେୟ ପଇଠ କରିବେ ।

| | |
|---|---|
| 1. Stone (per cubic metre) | Rs. 130.00 (Royalty)+ Add. charge |
| 2. Sand (per cubic metre) | Rs. 35.00 (Royalty)+ Add. charge |
| 3. Surface rent | Rs. 360.00 |
| 4. Dead Rent ( per hect.) | Rs. 10,500.00 ( for sand) |
| 5. Dead Rent (per hect.) | Rs. 18,000.00 (for stone) |

16. ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି, ତାହେଲେ EMD/Security deposit ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତି କରାଯିବ ।

17. ଲିଜ ଅବଧି ମଧ୍ୟରେ schedule II ରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟର ରୟାଲିଟି ଦରରେ କୌଣସି ବୃଦ୍ଧି ଘଟିଲେ ଓ ସଂପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କଠାରୁ ଅଧିକ ହୋଇଥାଏ ତେବେ ଲିଜଧାରୀଙ୍କୁ ବର୍ଦ୍ଧିତ ହାରରେ ରୟାଲିଟି ପୈଠ କରିବାକୁ ପଡ଼ିବ ।

18. ଧାର୍ଯ୍ୟ ତାରିଖ କୌଣସି କାରଣ ବଶତଃ ନିଲାମ ହୋଇନପାରିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ବା ରଦ୍ଦ କରିପାରିବେ ।

ଲିଜ ଚୁକ୍ତିନାମା ଦସ୍ତଖତ ପରେ ଯଦି କୌଣସି ଲିଜ୍ ଧାରୀ OMMC Rule 2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ଆଇନ-2017 (OMMC Rules -2017) ର ଉଲ୍ଲଙ୍ଘନ କରନ୍ତି ତାହେଲେ ଲିଜଧାରୀଙ୍କର ଲିଜକୁ ରାଜ୍ୟ ସରକାରଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଖାରଜ କରିବେ ।

ଲଘୁ ଖଣିଜ ଉତ୍ସର ସବିଶେଷ ବିବରଣୀ ସାରଣୀ-୧ ରେ ବର୍ଣ୍ଣିତ ଅଛି ।

ତହସିଲଦାର, ନୟାଗଡ

ଜ୍ଞାପକ ସଂଖ୍ୟା ୩୧୪୯ ତାରିଖ ୧୩.୦୮.୨୦୨୦

ଏହାର ଏକ କିତା ନକଲ ଜିଲ୍ଲାପାଳ, ନୟାଗଡ/ଉପ-ଜିଲ୍ଲାପାଳ, ନୟାଗଡ/ ସମସ୍ତ ତହସିଲଦାର, ଜିଲ୍ଲା- ନୟାଗଡ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୟାଗଡ, ସମସ୍ତ ରାଜସ୍ୱ ନିରୀକ୍ଷକ, ନୟାଗଡଙ୍କ ଅବଗତି ତଥା ନୋଟିସ୍ ବୋର୍ଡରେ ପ୍ରକାଶନ କରି ବିସ୍ତୃତ ଭାବେ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ନୟାଗଡ

ଜ୍ଞାପକ ସଂଖ୍ୟା ୩୧୪୦ ତାରିଖ ୧୩.୦୮.୨୦୨୦

ଏହାର ଏକ କିତା ନକଲ ତହସିଲ କାର୍ଯ୍ୟାଳୟ, ନୟାଗଡଙ୍କ ନୋଟିସ୍ ବୋର୍ଡରେ ବିସ୍ତୃତ ପ୍ରଚାର କରିବା ନିମନ୍ତ ପ୍ରକାଶ କରାଗଲା ।

ତହସିଲଦାର, ନୟାଗଡ

ଜ୍ଞାପକ ସଂଖ୍ୟା ୩୧୪୧ ତାରିଖ ୧୩.୦୮.୨୦୨୦

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (NIC), ନୟାଗଡଙ୍କ ଅବଗତି ତଥା ଜିଲ୍ଲା ୱେବସାଇଟରେ ପ୍ରଦର୍ଶିତ କରିବା ନିମନ୍ତେ ଜଣାଇ ଦିଆଗଲା ।

ତହସିଲଦାର, ନୟାଗଡ

# ଲିଜ୍ ପାଇଁ ଉଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ

| କ୍ର. ସଂଖ୍ୟା | ରାଜସ୍ୱ ମଣ୍ଡଳର ନାମ | ସଇରାତ ଉତ୍ସର ବିବରଣୀ | ମୌଜା | ଖାତା ନଂ | କିସମ | ପ୍ଲଟ ନଂ | ରକବା (ଏକର) | ଘନମିଟରରେ ସର୍ବନିମ୍ନ ପ୍ରତ୍ୟାଭୁକ୍ତ ପରିମାଣ ଏବଂ ଅତିରିକ୍ତ ଦେୟ ବାଲି ପାଇଁ ପ୍ରତି ଘନମିଟର ନିମନ୍ତେ @ ଟ ୩୫/- + ଟ୧୮/-= ଟ୫୩/- ଓ ପଥରପାଇଁ ଟ ୧୩୦/- + ଟ୬୫/-= ଟ୧୯୫/- | | | | |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | | | | |
| | | | | | | | | ୨୦-୨୧ | ୨୧-୨୨ | ୨୨-୨୩ | ୨୩-୨୪ | ୨୪-୨୫ |
| ୧ | ଇଟାମାଟି | ବୃନ୍ଦାବନପୁର ପଥର ଖଣି (୨) | ବୃନ୍ଦାବନପୁର | ୧୩୨ | ପର୍ବତ ତିନି | ୪୧୬ | ୨.୦୦ | ୧୧୭୦ଘ.ମି. / ୨୨୮୧୫୦.୦୦ | ୧୨୮୭ ଘ.ମି/ ୨୫୦୯୬୫.୦୦ | ୧୪୦୪ ଘ.ମି/ ୨୭୩୭୮୦.୦୦ | ୧୫୨୧ ଘ.ମି/ ୨୯୬୫୯୫.୦୦ | ୧୬୩୮ ଘ.ମି/ ୩୧୯୪୧୦.୦୦ |
| ୨ | ଲାଠିପଡା | ବଉଳସାହି ପଥର ଖଣି | ବଉଳସାହି | ୪୩୦ | ପର୍ବତ | ୧୩୪୮/2366 | ୨.୦୦ | ୯୦୦ଘ.ମି. / ୧୭୫୫୦୦.୦୦ | ୯୯୦ ଘ.ମି/ ୧୯୩୦୫୦.୦୦ | ୧୦୮୦ ଘ.ମି/ ୨୧୦୬୦୦.୦୦ | ୧୧୭୦ ଘ.ମି/ ୨୨୮୧୫୦.୦୦ | ୧୨୬୦ ଘ.ମି/ ୨୪୫୭୦୦.୦୦ |
| ୩ | ବାଲୁଗାଁ | ବାରବାଙ୍କ ପଥର ଖଣି (୧) | ବାରବାଙ୍କ | ୨ | ପର୍ବତ ଦୁଇ | ୨୨ | ୩.୦୦ | ୧୦୮୦ଘ.ମି. / ୨୧୦୬୦୦.୦୦ | ୧୧୮୮ ଘ.ମି/ ୨୩୧୬୬୦.୦୦ | ୧୨୯୬ ଘ.ମି/ ୨୫୨୭୨୦.୦୦ | ୧୪୦୪ ଘ.ମି/ ୨୭୩୭୮୦.୦୦ | ୧୫୧୨ ଘ.ମି/ ୨୯୪୮୪୦.୦୦ |
| ୪ | ତୁଳସିପୁର | ହାଟଦ୍ୱାର ନଦୀବାଲି | ହାଟଦ୍ୱାର<br>ଖମାରସାହି | ୧୪୯<br>୨୭୯ | ନଦୀ<br>ନଦୀ | ୧<br>୪୧, ୪୨ | ୪.୩୨<br>୧୫.୨୩ | ୧୬୦୦ଘ.ମି. / ୮୪୮୦୦.୦୦ | ୧୭୦୦ ଘ.ମି/ ୯୦୧୦୦.୦୦ | ୧୮୦୦ ଘ.ମି/ ୯୫୪୦୦.୦୦ | ୧୯୦୦ ଘ.ମି/ ୧୦୦୭୦୦.୦୦ | ୨୦୦୦୮ ଘ.ମି/ ୧୦୬୦୦୦.୦୦ |

ତହସିଲଦାର, ନୟାଗଡ଼